بسم الله الرحمٰن الرحيم

**ଖୁତ୍‌ବା ଜୁମା ୩୦ ଜୁଲାଇ ୨୦୨୧ର ସାରାଂଶ**
**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସ୍‌ଲାମାବାଦ୍, ବ୍ରିଟେନ୍**

# ଆଁହଜରତ ସ.ଅଙ୍କ ସର୍ବୋଚ୍ଚ ତଥା ପଦମର୍ଯ୍ୟାଦା ସମ୍ପନ୍ନ ବଦରୀ ସାହାବି ଏବଂ ଦ୍ୱିତୀୟ୍ ଖଲିଫା ହ. ଉମର୍ ବିନ୍ ଖତ୍ତାବ୍ ର.ଅଙ୍କ ପ୍ରଶଂସନୀୟ୍ ଗୁଣାବଳୀର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ: ବିଗତ ଖୁତ୍‌ବାରୁ ହ. ଉମର୍ ର.ଅଙ୍କ ଜୀବନୀ ଚର୍ଚ୍ଚା ଅବ୍ୟାହତ ରହିଛି ଏବଂ ସେହି କ୍ରମରେ ହ. ଉମର୍ ର.ଅଙ୍କ କାଳରେ ହୋଇଥିବା ଯୁଦ୍ଧ ସଂପର୍କରେ ଚର୍ଚ୍ଚା କରିବି । ମଦାଏନ୍‌ର ବିଜୟ ସଂପର୍କରେ ଆଁହଜରତ ସ.ଅଙ୍କ କାଳର ଭବିଷ୍ୟତବାଣୀର ଚର୍ଚ୍ଚା କରି ହ. ମିର୍ଜା ବିଶୀର୍ ଅହେମଦ ସାହେବ ସିରତ୍ ଖାତମୁନ୍ ନବିୟୀନ୍‌ରେ ଉଲ୍ଲେଖ କରନ୍ତି ଯେ, ଖନ୍ଦକ୍ (ସୁଡ଼ଙ୍ଗ) ଖୋଳିବା ସମୟରେ ଗୋଟିଏ ସ୍ଥାନରେ ଏଭଳି ଏକ ପଥର ବାହାରିଲା ଯାହାକି କୌଣସି ମତେ ଭାଙ୍ଗୁ ନଥିଲା । ସାହାବାମାନେ ତିନି ଦିନ ପର୍ଯ୍ୟନ୍ତ ଭୋକ ଉପାସରେ ରହି ଅନବରତ ପରିଶ୍ରମ କରିବା ଯୋଗୁଁ ହାଲିଆ ଓ ଅତିକ୍ଳାନ୍ତ ହୋଇପଡ଼ିଥିଲେ । ପରିଶେଷରେ ସେମାନେ ବାଧ ହୋଇ ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥିତ ହେଲେ । ସେତେବେଳେ ରସୁଲୁଲ୍ଲାଃ ସ.ଅ ମଧ୍ୟ ଭୋକ ଯୋଗୁଁ ପେଟରେ ପଥର ବାନ୍ଧିଥିଲେ । ତଥାପି ହଜୁର ସ.ଅ ସଙ୍ଗେସଙ୍ଗେ ସେଠାରେ ପହଞ୍ଚିଲେ ଏବଂ ଏକ କୋଦାଳ ଧରି ଅଲ୍ଲାଃତାଲାଙ୍କ ନାମ ନେଇ ପଥର ଉପରେ ପ୍ରହାର କଲେ । ଲୌହ ପ୍ରହାର ବାଜିବା ଦ୍ୱାରା ପଥରରୁ ନିଆଁ ବାହାରିଲା । ଫଳତଃ ଆଁହଜରତ ସ.ଅ ଉଚ୍ଚ ସ୍ୱରରେ **ଅଲ୍ଲାଃହୁ ଅକ୍‌ବର୍** ଶ୍ଳୋଗାନ ଦେଲେ ! ଏବଂ କହିଲେ ମୋତେ ସିରୀୟା ଦେଶର ଚାବି ପ୍ରଦାନ କରାଯାଇଛି ଏବଂ ସିରୀୟାର ନାଲି ରଙ୍ଗର ଦୁର୍ଗଗୁଡ଼ିକ ମୋ ଆଖି ଆଗରେ ଛଳ ଛଳ କରି ଦୃଶ୍ୟମାନ ହେଉଛି । ପୁନଶ୍ଚ ଆପଣ ସ.ଅ ଦ୍ୱିତୀୟ ଥର ସେହି ପଥର ଉପରେ ପ୍ରହାର କଲେ ଏବଂ ଏଥର ମଧ୍ୟ ସେହି ସମାନ ଘଟଣା ଘଟିଲା । ହଜୁର ସ.ଅ କହିଲେ ମୋତେ ଇରାନ୍ ଦେଶରେ ଚାବି ପ୍ରଦାନ କରାଗଲା ଏବଂ ମଦାଏନ୍‌ର ଧବଳ ବର୍ଣ୍ଣର ଦୁର୍ଗଗୁଡ଼ିକ ମୋତେ ଦୃଶ୍ୟମାନ ହେଉଛି । ଏହାପରେ ହୁଜୁର୍ ସ.ଅ ତୃତୀୟ ଥର ପଥର ଉପରେ ପ୍ରହାର କଲେ ସେତେବେଳେ ପୁନଶ୍ଚ କହିଲେ ବର୍ତ୍ତମାନ ମୋତେ ୟମନ୍‌ର ଚାବି ପ୍ରଦାନ କରାଯାଇଛି ଏବଂ ସନ୍‌ଆର ଦ୍ୱାର ମୋତେ ଦର୍ଶନ କରାଯାଉଛି ।

ହୁଜୁର ସ.ଅଙ୍କ ଏହି ଦୃଶ୍ୟଗୁଡ଼ିକ ତନ୍ଦ୍ରାବସ୍ଥା ସଂପର୍କିତ ଅଟେ । ଅର୍ଥାତ ଅଲ୍ଲାଃତାଲା ସେହି ଅଭାବ ଓ ଅନଟନ ପରିସ୍ଥିତିରେ ମୁସଲମାନମାନଙ୍କୁ ଆଗାମୀ ବିଜୟ ଏବଂ ପ୍ରାଚୁର୍ଯ୍ୟତାର ଦୃଶ୍ୟ ଅବଲୋକନ କରାଇ ସାହାବାମାନଙ୍କ ମଧ୍ୟରେ ଆଶା ଓ ଉଦ୍ଦୀପନାର ଏକ ପ୍ରାଣ ସଂଚାର କରିଦେଇଛନ୍ତି । ମଦାଏନ୍ ବିଜୟର ପ୍ରତିଶୃତି ହ. ଉମର୍ ର.ଅଙ୍କ ଖିଲାଫତ୍ କାଳରେ ହ. ସାଆଦ୍ ର.ଅଙ୍କ ହସ୍ତରେ ପୂର୍ଣ୍ଣ ହୋଇଥିଲା । କାଦସିୟାର ବିଜୟ ପରେ ସାଂପ୍ରତିକ ଇରାକ୍‌ର ପ୍ରାଚୀନ ସହର ବାବୁଲ୍ ବିଜୟ ହୋଇଥିଲା । ବାବୁଲ୍ ବିଜୟ କରିବା ପରେ କୁସା ନାମକ ଏକ ଐତିହାସିକ ସହରରେ ମୁସଲମାନ ସେନା ପହଞ୍ଚିଥିଲା । ଏହି କୁସା ସହରଟି ବାବୁଲ୍ ସହରର ନିକଟବର୍ତ୍ତୀ ସହର ଅଟେ । କୁସା ହେଉଛି ସେହି ସହର ଯେଉଁଠି ହ. ଇବ୍ରାହିମ୍ ଅ.ସଙ୍କୁ ନମ୍ରୁଦ୍ କୈଦ୍ କରିଥିଲା ଏବଂ କାରାଗାର ସ୍ଥାନଟି ମଧ୍ୟ ସେତେବେଳ ପର୍ଯ୍ୟନ୍ତ ସୁରକ୍ଷିତ ଅବସ୍ଥାରେ ଥିଲା । ହ. ସାଆଦ୍ ର.ଅ ଯେତେବେଳେ ସେଠାରେ ପହଞ୍ଚିଲେ ଏବଂ କାରାଗାରରେ ପ୍ରବେଶ କରି ତାହାକୁ ଦେଖିଲେ ସେତେବେଳେ ସେ ପବିତ୍ର କୁରଆନ୍ କରୀମ୍‌ର ଏହି ଆୟତ୍ ପାଠ କରିବା ଆରମ୍ଭ କଲେ ଯେ, **ତିଲ୍‌କଲ୍ ଅୟ୍ୟାମୁ ନୁଦାୱିଲୁହା ବୈନନ୍ ନାସି** । ଅର୍ଥାତ୍ *ଏ ବିଜୟ ଦିବସଗୁଡ଼ିକ ଏପରି ଅଟେ ଯେ, ଆମ୍ଭେ ସେଗୁଡ଼ିକୁ ଲୋକମାନଙ୍କ ମଧ୍ୟରେ ବାରମ୍ବାର ଅଦଳ ବଦଳ କରୁଥାଉ, ତାହାହେଲେ ସେମାନେ ଶିକ୍ଷା ଲାଭ କରିବେ* । ଏହାପର ଇସ୍‌ଲାମୀୟ ସୈନ୍ୟ ବାହିନୀ କୁସା ଦେଇ ବହ୍‌ରେ ସେର୍ ଠାରେ ପହଞ୍ଚିଲା । ଏଠାରେ ଇରାନୀୟ ସେନା କିସ୍ରାର ଶିକାରୀ ସିଂହକୁ ସୈନ୍ୟବାହିନୀ ଆଗରେ ଛାଡ଼ିଦେଲେ । ସେହି ସିଂହ ଗର୍ଜନ କରି ଇସ୍‌ଲାମୀୟ ସୈନ୍ୟ ବାହିନୀ ଉପରେ ଆକ୍ରମଣ କରିଦେଲା । ହ. ସାଆଦ୍ ର.ଅଙ୍କ ଭାଇ ହାଶିମ୍ ବିନ୍ ଅବି ୱକ୍କାସ୍ ସିଂହ ଉପରେ ଖଡ଼୍‌ଗ ସାହାଯ୍ୟରେ ଆକ୍ରମଣ କଲେ ଏବଂ ସିଂହଟିକୁ ସେଇଠି ନିପାତ କରିଦେଲେ ।

କିସ୍ରାର ରାଜ ସିଂହାସନର ପାଦପୀଠ ବାଗ୍‌ଦାଦ୍‌ର ମଦାଏନ୍ ଥିଲା ଯାହାକି ଦକ୍ଷିଣ ଦିଗସ୍ଥ କିଛି ବ୍ୟବଧାନରେ ଦଜ୍‌ଲା ନଦୀ ତୀରରେ ଅବସ୍ଥିତ ଥିଲା । ମୁସଲମାନ ସେନା ବାହିନୀକୁ ନଦୀ ଅତିକ୍ରମ କରିବାର କୌଣସି ବାଟ ଦିଶୁ ନଥିଲା । ରାତ୍ରରେ ହ. ସାଆଦ୍ ର.ଅଙ୍କୁ ଏହା ଦେଖାଇ ଦିଆଗଲା ଯେ, ମୁସଲମାନମାନଙ୍କର ଅଶ୍ୱ ନଦୀ ଜଳରେ ପ୍ରବେଶ କରୁଛନ୍ତି । ଆପଣ ର.ଅ ନିଜ ସେନାକୁ ଆହ୍ୱାନ ଦେଲେ ଆସ ! ଉକ୍ତ ନଦୀକୁ ପହଁରି କରି ଯିବା ଏବଂ ନିଜର ଅଶ୍ୱକୁ ନଦୀ ଜଳରେ ଅବତରଣ କରାଇଦେବା । ଆପଣ ର.ଅଙ୍କୁ ଅନୁସରଣ କରି ସମସ୍ତ ସିପାହୀମାନେ ନିଜର ଅଶ୍ୱ ନଦୀ ଜଳରେ ଓହ୍ଲାଇ ଦେଲେ । ଶତ୍ରୁ ପଟର ସୈନ୍ୟ ବାହିନୀ ଏହି ଦୃଶ୍ୟକୁ ଦେଖି ଭୟୟଭୀତ ହୋଇପଡ଼ିଲା ଏବଂ ଚିତ୍କାର କରି ପଳାୟନ କଲେ ଯେ, ଦେବ ଆସିଗଲେ ଦେବ ଆସିଗଲେ । ମୁସଲମାନ ଆଗକୁ ବଢ଼ି ସହର ଏବଂ କିସ୍ରାର ଦୁର୍ଗଗୁଡ଼ିକୁ ଅଧିକାର କରିନେଲେ । ଏହିପରି ଭାବରେ ଆଁହଜରତ ସ.ଅଙ୍କ ସେହି ଭବିଷ୍ୟବାଣୀ ମଧ୍ୟ ପୂରଣ ହୋଇଗଲା ଯେଉଁ ଭବିଷ୍ୟତବାଣୀଟି ଆଁହଜରତ ସ.ଅ ଅହ୍‌ଜାବ ଯୁଦ୍ଧ ଅବସରରେ କରିଥିଲେ । ହ. ସାଆଦ୍ ର.ଅ ଆଦେଶ ଦେଲେ ଯେ, ରାଜକୋଷ ଏବଂ ଅମୂଲ୍ୟ ଧନରତ୍ନ ସବୁ ଏକତ୍ରିତ କରାଯାଉ । ମୁସଲମାନ ସିପାହୀମାନେ ଅତ୍ୟନ୍ତ ବିଶ୍ୱସ୍ତତାର ସହିତ ସମସ୍ତ ଧନରତ୍ନ ଏକତ୍ରିତ କରିଦେଲେ । ମାଲେ ଗନିମତ୍ (ପରାଜିତ ସୈନ୍ୟ ବାହିନୀ ଠାରୁ ପ୍ରାପ୍ତ ଧନରତ୍ନ) ନିୟମାନୁଯାୟୀ ବଣ୍ଟା ହେଲା ଏବଂ ଏକ ପଞ୍ଚମାଂଶ ଖିଲାଫତ୍ ଦରବାରକୁ ପ୍ରେରଣ କରିଦିଆଗଲା ।

ଜଲୁଲା ଯୁଦ୍ଧ ୧୬ ହିଜ୍ରୀରେ ହୋଇଥିଲା । ମଦାଏନ୍‌ରେ ପରାଜୟ ବରଣ କରିବା ପରେ ଇରାନୀୟ ସୈନ୍ୟ ବାଗ୍‌ଦାଦ୍ ଏବଂ ଖରାସାନ୍‌ର ମଧ୍ୟବର୍ତ୍ତୀ ଅଞ୍ଚଳ ସ୍ଥିତ ଜଲୁଲା ସହରରେ ଏକତ୍ରିତ ହୋଇ ଯୁଦ୍ଧ ପ୍ରସ୍ତୁତି ଆରମ୍ଭ କରିଦେଲା। ହ. ଉମର୍ ର.ଅଙ୍କ ଆଦେଶ କ୍ରମେ ହ. ସାଆଦ୍ ର.ଅ ହାଶିମ୍ ବିନ୍ ଅତ୍‌ବାଙ୍କୁ ୧୨ ହଜାର ସୈନ୍ୟ ସମେତ ଜଲୁଲା ଅଭିମୁଖେ ପ୍ରେରଣ କରିଦେଲେ । ମୁସଲମାନମାନେ ଏକ ମାସ ମାସ ପର୍ଯ୍ୟନ୍ତ ସହରକୁ ଘେରାଉ କରି ରଖିଲେ । ଉକ୍ତ ଅବଧି ମଧ୍ୟରେ ପ୍ରାୟ ୮୦ଟି ଯୁଦ୍ଧ ହୋଇଥିଲା । ଜଲୁଲା ବିଜୟ ପରେ ହ. ଉମର୍ ର.ଅ ଅଜମ୍ (ଅଣ ଆରବୀୟ)ଙ୍କର ପିଛା କରିବାକୁ ବାରଣ କରି କହିଲେ ଯେ, ମୁଁ ମାଲେ ଗନିମତ୍ ଅପେକ୍ଷା ମୁସଲମାନମାନଙ୍କର ସୁରକ୍ଷାକୁ ଅଧିକ ଅଗ୍ରାଧିକାର ଦେଉଛି ।

ଯେତେବେଳେ ମାଲେ ଗନିମତ୍‌ରୁ ଏକ ପଞ୍ଚମାଂଶ ହ. ଉମର୍ ର.ଅଙ୍କ ସେବାରେ ଉପସ୍ଥାପିତ କରାଗଲା ସେତେବେଳେ ଆପଣ ର.ଅ ମାଲେ ଗନିମତ୍‌ରେ ଥିବା ମୂଲ୍ୟବାନ ରତ୍ନ ମାଣିକ୍ୟ ଦେଖି କାନ୍ଦି ପକାଇଲେ ଏବଂ କହିଲେ ଅଲ୍ଲାଃତାଲା ଯେଉଁ ଜାତିକୁ ଏହି ମାଣିକ୍ୟ ତଥା ଧନ ରତ୍ନ ପ୍ରଦାନ କରନ୍ତି ସେଠାରେ ସେହି ଜାତିର ଲୋକମାନଙ୍କ ମଧ୍ୟରେ ଈର୍ଷା ଓ ବୈରାଗ୍ୟ ଭାବ ମଧ୍ୟ ଜାତ କରିଦେଇଥାନ୍ତି ଯାହା କାଳକ୍ରମେ ବୃଦ୍ଧି ପାଇଥାଏ । ହୁଜୁର ଅ.ବ କହିଲେ ଏହା ଅତ୍ୟନ୍ତ ବିଚାରଯୋଗ୍ୟ ଏବଂ ଇସ୍ତେଗ୍‌ଫାର (କ୍ଷମା ଯାଚନା)ମୂଳକ କଥା ଅଟେ । ଆମେମାନେ ମଧ୍ୟ ଦେଖୁ ଯେ, ଈର୍ଷାଭାବ ଏବଂ ବୈରାଗ୍ୟ ଭାବ ଧନ ଆସିବା ପରେ ହିଁ ବୃଦ୍ଧି ପାଇଥାଏ । ହ. ସାଆଦ୍ ର.ଅ ମଦାଏନ୍‌ରେ ଅବସ୍ଥାନ କରିଥିଲେ ଯେ, ତାଙ୍କୁ ଇରାନୀୟ ସେନାର ଆଗମନର ସୂଚନା ପ୍ରାପ୍ତ ହେଲା । ହ. ଉମର୍ ର.ଅଙ୍କ ମାର୍ଗଦର୍ଶନ କ୍ରମେ ଜରାର୍ ବିନ୍ ଖତ୍ତାବ୍‌ଙ୍କ ନେତୃତ୍ୱରେ ଏକ ସୈନ୍ୟଦଳ ମୁକାବିଲା ପାଇଁ ପ୍ରସ୍ଥାନ କଲା । ମାସବଜାନ୍‌ର ସମତଳ ଅଞ୍ଚଳର ହନ୍ଦଫ୍ ଠାରେ ଉଭୟ ପକ୍ଷ ମଧ୍ୟରେ ଯୁଦ୍ଧ ହୋଇଥିଲା ଏବଂ ଇରାନୀୟ ସେନା ଏଠାରେ ମଧ୍ୟ ପରାଜିତ ହୋଇଥିଲା ।

୧୪ ହିଜ୍ରୀରେ ହ. ଉମର୍ ର.ଅ ସେନାର ହିତ ଏବଂ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଇରାକ୍‌ରେ କ୍ଷୁଦ୍ର ସ୍ତରରେ ଅନ୍ୟ ଏକ ଛୋଟ କେନ୍ଦ୍ର ଖୋଲିଦେଲେ ଏବଂ ବସ୍ରା ସହର ଠାରେ ସେନା ଛାଉଣୀ ସ୍ଥାପନ କରିଥିଲେ । ଉକ୍ତ ଅଞ୍ଚଳରେ ସେନା ମୁତୟନ କରିବାର ପ୍ରମୁଖ କାରଣ ଏହା ଥିଲା ଯେ, ଇରାନୀୟ ସେନାର ସୈନ୍ୟ ଟୁକୁଡ଼ିକୁ ସେଠାରେ ଅଟକାଇ ଦିଆଯିବା ଓ ଆଗକୁ ବଢିବାକୁ ନଦେବା । ମୁସଲମାନମାନେ ଖୋଜିସ୍ତାନ୍‌ର ବିଖ୍ୟାତ ସହର ଅହ୍‌ୱାଜ ଉପରେ ଯେତେବେଳେ ଅଧିକାର କଲେ ସେତେବେଳେ ସେଠାକାର ଅଧିପତି ବୈର୍‌ୱାଜ ସନ୍ଧି ସ୍ଥାପନ କରିନେଲା । ଉକ୍ତ ଯୁଦ୍ଧରେ ମୁସଲମାନମାନଙ୍କର ଅନେକ ଲୋକମାନଙ୍କୁ ଗିରଫ କରି ଦାସ କରିଦେଇଥିଲା । କିନ୍ତୁ ହ. ଉମର୍ ର.ଅଙ୍କ ଆଦେଶ କ୍ରମେ ସମସ୍ତ ଲୋକମାନଙ୍କୁ ମୁକ୍ତ କରିଦିଆଗଲା । ଉକ୍ତ ଅଞ୍ଚଳରେ ଇରାନୀୟ ସେନା ଦୁଇଟି ବାଟ ଦେଇ ମୁସଲମାନ ସେନା ଉପରେ ବାରମ୍ବାର ଆକ୍ରମଣ କରୁଥିଲା । ଫଳସ୍ୱରୂପ ମୁସଲମାନମାନେ ସେହି ଉଭୟ ମାର୍ଗକୁ ଅଧିକାର କରିନେଲେ । ହୁଜୁର ଅ.ବ କହିଲେ ଯେ, ଅନେକ ସ୍ଥାନରେ ଏହା ଦେଖିବାକୁ ମଳିଛି ଯେ, ଯେଉଁଠି ଯେଉଁଠି

ମୁସଲମାନମାନଙ୍କୁ ହଇରାଣ କରାଯାଉଛି, ଆକ୍ରମଣ କରାଯାଉଛି, ଅପର ପକ୍ଷରେ ମୁସଲମାନମାନେ ମଧ୍ୟ ପ୍ରତିଶୋଧ ପରାୟଣ ହୋଇ ଆକ୍ରମଣ କରିଛନ୍ତି ଏବଂ ସେହି ସ୍ଥାନକୁ ଅଧିକାର ମଧ୍ୟ କରିଛନ୍ତି ।

ଜଲୁଲାରେ ମୁସଲମାନମାନେ ବିଜୟ ଲାଭ କରିବା ପରେ ଇରାନୀୟ ସେନା ହର୍ମଜାନ୍‌ର ନେତୃତ୍ୱରେ ରାମ୍‌ହରେମିଜ୍ ଠାରେ ଏକତ୍ରିତ ହୋଇଗଲେ । ହ. ଉମର୍ ର.ଅଙ୍କ ମାର୍ଗ ଦର୍ଶନ କ୍ରମେ ହ. ସାଆଦ୍ ର.ଅ ନୁମାନ୍ ବିନ୍ ମକ୍ରନ୍‌ଙ୍କୁ କୁଫା ଏବଂ ହ. ଅବୁ ମୁସା ଅଶ୍‌ଅରୀ ର.ଅଙ୍କୁ ବସ୍ରାର ସେନାପତି କରି ପ୍ରେରଣ କରିଥିଲେ ଏବଂ ତାଙ୍କୁ ଏହି ନିର୍ଦ୍ଦେଶ ଦେଲେ ଯେ, ଯେତେବେଳେ ଉଭୟ ସେନା ଏକତ୍ରିତ ହୋଇଯିବେ ସେତେବେଳେ ଅବୁ ସବ୍ରା ବିନ୍ ରୁହମ୍ ସେମାନଙ୍କର ସେନାପତି ହେବେ । ନୁମାନ୍ ବିନ୍ ମକ୍ରନଙ୍କ ସୈନ୍ୟ ଦଳ ସହିତ ହର୍ମଜାନ୍‌ର ମୁକାବିଲା ହେଲା ଏବଂ ସେ ପରାଜୟ ବରଣ କରି ତସ୍ତର୍ ଆଡ଼କୁ ପଳାୟନ କଲା । ଦୀର୍ଘ ଦିନର ଘେରାଉ ପରେ ଯେତେବେଳେ ସହର ବିଜୟ ହେଲା ଏବଂ ହର୍ମଜାନ୍ ଗିରଫ ହେଲା ସେତେବେଳେ ସେ ଏହି ଇଚ୍ଛା ପ୍ରକାଶ କଲା ଯେ, ହ. ଉମର୍ ର.ଅ ତା'ର ବିଚାର କରନ୍ତୁ । ହ. ଅବୁ ମୁସା ଅଶ୍‌ଅରୀ ର.ଅ ହର୍ମଜାନ୍‌କୁ ହ. ଉମର୍ ର.ଅଙ୍କ ସେବାରେ ଉପସ୍ଥିତ ହେବା ନିମନ୍ତେ ମଦିନା ପ୍ରେରଣ କରିଦେଲେ । ଯେତେବେଳେ ଯାତ୍ରୀସମୂହ ମଦିନାରେ ପ୍ରବେଶ କଲା ସେତେବେଳେ ସେ ହର୍ମଜାନ୍‌ଙ୍କୁ ନିଜର ରେଶମ ବସ୍ତ୍ର ପିନ୍ଧାଇଦେଲା, ଏହି ବସ୍ତ୍ର ଉପରେ ସ୍ୱର୍ଣ୍ଣ ତାରକସୀ କାମ ହୋଇଥିଲା । ହର୍ମଜାନ୍ ବନ୍ଦୀ ହେବା ସତ୍ତ୍ୱେ ତା'କୁ ରେଶମ ବସ୍ତ୍ର ପିନ୍ଧାଇ ଦିଆଗଲା ଯାହାକି ଅତ୍ୟନ୍ତ ମୂଲ୍ୟବାନ ବସ୍ତ୍ର ଥିଲା । ତା' ମୁକୁଟରେ ହୀରା ମାଣିକ୍ୟ ଓ ରତ୍ନ ଖଚିତ ହୋଇଥିଲା । ଏହା ଏଇଥି ପାଇଁ ଯେ, ହ. ଉମର୍ ର.ଅ ଓ ମୁସଲମାନମାନେ ତା' ଆତଙ୍କ ଓ ଭୟାବହତ୍ୱକୁ ଉପଲବ୍ଧି କରି ନିଅନ୍ତୁ । ଏହାପରେ ମୁସଲମାନମାନେ ଏହା କହିବା ପାଇଁ ଯେ, ଦେଖ ! ଏତେ ବଡ଼ ସରଦାରକୁ ଆମେମାନେ ପରାଜିତ କରିଛୁ । ଯେତେବେଳେ ସେ (ହର୍ମଜାନ୍) ହ. ଉମର୍ ର.ଅଙ୍କ ସଂପର୍କରେ ପ୍ରଶ୍ନ କଲା ସେତେବେଳେ ଲୋକମାନେ କହିଲେ ଯେ, ହ. ଉମର୍ ର.ଅ ମସ୍‌ଜିଦ୍‌ରେ ଅଛନ୍ତି । ଯେତେବେଳେ ସେମାନେ ମସ୍‌ଜିଦ୍‌ରେ ପହଞ୍ଚିଲେ ସେତେବେଳେ ହ. ଉମର୍ ର.ଅ ନିଜର ପଗଡ଼ି ଉପରେ ହାତ ରଖି ଶୋଇଥିଲେ । ହର୍ମଜାନ୍ ପ୍ରଶ୍ନ କଲା ଯେ, ହ. ଉମର୍ ର.ଅ କେଉଁଠି ଅଛନ୍ତି ? ଲୋକମାନେ କହିଲେ ଯେ, ସେ ବିଶ୍ରାମ ନେଉଛନ୍ତି । ସେତେବେଳେ ମସ୍‌ଜିଦ୍‌ରେ ହ. ଉମର୍ ର.ଅଙ୍କ ବ୍ୟତୀତ ଅନ୍ୟ କେହି ଉପସ୍ଥିତ ନଥିଲା । ହର୍ମଜାନ୍ ପ୍ରଶ୍ନ କଲା ଯେ, ତାଙ୍କର ପ୍ରହରୀମାନେ କେଉଁଠି ଅଛନ୍ତି ? ଲୋକମାନେ ତା'କୁ କହିଲେ ହ. ଉମର୍ ର.ଅଙ୍କୁ କୌଣସି ପ୍ରହରୀ, ଦିୱାନ୍ ଏବଂ ଲିପିକାରର ଆବଶ୍ୟକତା ନାହିଁ । ହର୍ମଜାନ୍ ସହସା କହି ଉଠିଲା ଯେ, ଏହି ବ୍ୟକ୍ତି ନିଶ୍ଚୟ କୌଣସି ନବୀଙ୍କ ପରି ଜ୍ଞାତ ହେଉଛନ୍ତି । ଲୋକମାନେ କହିଲେ ଯେ, ହ. ଉମର୍ ର.ଅ ନବୀ ତ' ନୁହନ୍ତି କିନ୍ତୁ ନବୀଙ୍କ ମାର୍ଗରେ ଅବଶ୍ୟ ପରିଚାଳିତ ଅଟନ୍ତି । ହର୍ମଜାନ୍ ହ.ଅ ଉମର୍ ର.ଅଙ୍କ ସରଳତା ଦ୍ୱାରା ଗଭୀର ଭାବରେ ପ୍ରଭାବତି ହେଲା ଏବଂ ସେ ଅତ୍ୟନ୍ତ ଚାତୁର୍ଯ୍ୟପୂର୍ଣ୍ଣ ଉକ୍ତି ପରେ ଇସ୍‌ଲାମ୍ ଧର୍ମ ଗ୍ରହଣ କରିନେଲା ଏବଂ ମଦିନାରେ ହିଁ ବସତି ସ୍ଥାପନ କରିଥିଲା । ସୁତରାଂ ହ. ଉମର୍ ର.ଅ ତା'ର ଦୁଇ ହଜାର ମାସିକ ଭତ୍ତା ଧାର୍ଯ୍ୟ କରିଦେଲେ। ଉକ୍‌ଦୁଲ୍ ଫରିଦ୍‌ରେ ଉଲ୍ଲେଖ ରହିଛି ଯେ, ହ. ଉମର୍ ର.ଅ ହର୍ମଜାନ୍ ଠାରୁ ଇରାନ୍ ସେନା ବିପକ୍ଷରେ ସୈନ୍ୟ ଚାଳନା ପାଇଁ ପରାମର୍ଶ ଗ୍ରହଣ କରୁଥିଲେ ଏବଂ ତା'ରି ପରାମର୍ଶ କ୍ରମେ ସୈନ୍ୟ ଚାଳନା କରୁଥିଲେ । ଏହାପରେ ହର୍ମଜାନ୍ ହ. ଉମର୍ ର.ଅଙ୍କ ପରାମର୍ଶଦାତା ପଦରେ ନିଯୁକ୍ତ ହୋଇଥିଲେ ।

ଏହା ମଧ୍ୟ ସନ୍ଦେହ କରାଯାଏ ଯେ, ହ. ଉମର୍ ର.ଅଙ୍କ ଶାହାଦତ୍‌ରେ ହର୍ମଜାନ୍‌ର ହାତ ଥିଲା । କିନ୍ତୁ ହ. ମୁସ୍‌ଲେହ୍ ମଉଦ୍ ର.ଅ ଉକ୍ତ ସନ୍ଦେହକୁ ସଠିକ୍ ବୋଲି ମନେ କରି ନଥିଲେ । ଅତଏବ ହ. ମୁସ୍‌ଲେହ୍ ମଉଦ୍ ର.ଅ କିସ୍‌ସାସ୍ (ପ୍ରତିଶୋଧ) ଅନ୍ତର୍ଗତ ଆୟତ୍‌ର ବ୍ୟାଖ୍ୟା କରି କହନ୍ତି ଯେ, ଦିନେ ଫିରୋଜ୍ ନାମକ ହତ୍ୟାକାରୀର ଯିଏ ହ. ଉମର୍ ର.ଅଙ୍କୁ ଶହୀଦ୍ କରିଥିଲା ମୋ ପିତାଙ୍କ ସହିତ ଭେଟ ହେଲା ଏବଂ ତା' ନିକଟରେ ଛୁରୀଟିଏ ଥିଲା ଏବଂ ଯାହାର ଉଭୟ ପାର୍ଶ୍ୱ ତୀକ୍ଷ୍ଣ ହୋଇଥିଲା । ମୋ ପିତା ସେହି ଛୁରୀଟିକୁ ଧରିନେଲେ ଏବଂ ତା'କୁ ପଚାରିଲେ ଯେ, ଏହି ଦେଶରେ ତୁ ଉକ୍ତ ଛୁରୀ ସାହାଯ୍ୟରେ କି କାମ କରୁ ? ଅର୍ଥାତ ଏହି ଦେଶ ତ' ଶାନ୍ତିର ଦେଶ, ଏହି ଦେଶରେ ଏଭଳି

ଅସ୍ତ୍ର (କ'ଣ ବା)ଆବଶ୍ୟକତା ରହିଛି । ସେ କହିଲା ଯେ, ମୁଁ ଉକ୍ତ ଛୁରୀ ସାହାଯ୍ୟରେ ଓଟ ଘଉଡ଼ାଇଥାଏ । ଯେତେବେଳେ ଏହି ଦୁହେଁ ପରସ୍ପର ସହିତ କଥାବାର୍ତ୍ତା ହେଉଥିଲେ ସେତେବେଳେ କୌଣସି ଏକ ବ୍ୟକ୍ତି ତାଙ୍କୁ କଥାବାର୍ତ୍ତା କରୁଥିବାର ଦେଖିନେଲା ଏବଂ ହ. ଉମର୍ ର.ଅ ଯେତେବେଳେ ଶହୀଦ୍ ହେଲେ ସେତେବେଳେ ସେ କହିଲା ଯେ, ମୁଁ ସ୍ୱୟଂ ଏହି ଛୁରୀଟିକୁ ହର୍ମଜାନ୍‌କୁ ଧରାଉଥିବାର ଦେଖିଥିଲି । ପ୍ରତ୍ୟୁତ୍ତରରେ ଉବୈଦୁଲ୍ଲାଃ ଯିଏ ହ. ଉମର୍ ର.ଅଙ୍କ ସାନ ପୁତ୍ର ଥିଲେ, ସେ ଯାଇ କହିଲେ । ହଁ ହର୍ମଜାନ୍‌ର ପୁତ୍ର କହୁଥିଲା ଯେ, ଉବୈଦୁଲ୍ଲାଃ ମୋ ପିତାଙ୍କୁ ବଧ କରିଦେଲେ । ହ. ଉସ୍‌ମାନ୍ ର.ଅ ଯେତେବେଳେ ଖଲିଫା ହେଲେ ସେତେବେଳେ ସେ ମୋତେ ଡ଼ାକିଲେ ଏବଂ ଉବୈଦୁଲ୍ଲାଃଙ୍କୁ ଧରି ମୋତେ ହସ୍ତାନ୍ତର କରିଦେଲେ ଏବଂ କହିଲେ ଯେ, ହେ ମୋର ସୁପୁତ୍ର ! ଏ ହେଉଛି ତୁମ ପିତାଙ୍କର ହତ୍ୟାକାରୀ ଏବଂ ଏହା ଉପରେ ଆମ ଅପେକ୍ଷା ତୁମର ଅଧିକ ଅଧିକାର ରହିଛି । ତେଣୁ ଯାଅ ଏବଂ ତାହାକୁ ବଧ କରିଦିଅ । ସୁତରାଂ ମୁଁ ତାହାକୁ ଧରିନେଲି ଏବଂ ସହରରୁ ବାହାରକୁ ନେଇ ବାହାରିଲି । ବାଟରେ ଯେଉଁ ବ୍ୟକ୍ତି ବି ମୋତେ ମିଳୁଥିଲା ସେ ମୋ ସପକ୍ଷରେ ହୋଇ ଯାଉଥିଲା । କିନ୍ତୁ କୌଣସି ବ୍ୟକ୍ତି ମୋ ସହିତ ମୁକାବିଲା କରୁ ନଥିଲା । ସେହି ଲୋକମାନେ ମୋତ କେବଳ ଏତିକି ନିବେଦନ କରୁଥିଲେ ଯେ, ମୁଁ ତା'କୁ ଛାଡ଼ିଦେବି । ଏତିକି ନିବେଦେନ ଯେତେବେଳେ ହୋଇଗଲା, ପଚାରିନେଲି, ପ୍ରଶ୍ନୋତ୍ତର ହୋଇଗଲା ତେବେ କହନ୍ତି ଯେ, ମୁଁ ଅଲ୍ଲାଃତାଲା ଏବଂ ତାହାଙ୍କ ଲୋକମାନଙ୍କ ସକାଶେ ତା'କୁ ଛାଡ଼ିଦେଲି । ସେହିପରି ଏହା ମଧ୍ୟ ପ୍ରମାଣିତ ହୁଏ ଯେ, ହତ୍ୟାକାରୀକୁ ଗିରଫ କରିବା ଏବଂ ତା'କୁ ଶାସ୍ତି ପ୍ରଦାନ କରିବା ସରକାର ହିଁ ଦାୟିତ୍ୱ ହୋଇଥାଏ । ପ୍ରତ୍ୟେକ ବ୍ୟକ୍ତି ଦେଇପାରିବ ନାହିଁ, ସରକାର ଦେଇଥାଏ । ହ. ଉମର୍ ର.ଅଙ୍କ ଆଲୋଚ୍ୟ ଜୀବନୀ ଚର୍ଚ୍ଚାଟି ବର୍ତ୍ତମାନ ଅବ୍ୟାହତ ରହିଛି । ଏହାର ଅବଶିଷ୍ଟାଂଶ **ଇନ୍‌ଶାଅଲ୍ଲାଃ** ଆଗାମୀ ଖୁତ୍‌ବାରେ ଆଲୋଚନା କରିବି ।

ବର୍ତ୍ତମାନ ମୁଁ କେତେକ ମୃତକମାନଙ୍କର ଚର୍ଚ୍ଚା କରିବାକୁ ଚାହୁଁଛି ଏବଂ ନମାଜ ଜୁମା ପରେ ଏହି ମୃତକମାନଙ୍କର ନମାଜ ଯନାଜାଃ ପଢେଇବି । ତନ୍ମଧ୍ୟରୁ ପ୍ରଥମ ମୃତକ ହେଲେ ସମ୍ମାନନୀୟା ସ୍ୱର୍ଗତା ପ୍ରଫେସର **ସୟେଦ୍ ନସିମ୍ ସଇଦ୍ ସାହେବା**ଙ୍କର । ସ୍ୱର୍ଗତା ମୁହମ୍ମଦ୍ ସଇଦ୍ ସାହେବଙ୍କ ପତ୍ନୀ ଥିଲେ ଏବଂ ଗବେଷକ ହ. ଅଲ୍‌ହାଜ୍ ହାଫିଜ୍ ଡ଼ାକ୍ତର ସୟେଦ୍ ଶଫିଉଦ୍ଦୀନ୍ ସାହେବଙ୍କର ସୁପୁତ୍ରୀ ଥିଲେ । ପରବର୍ତ୍ତୀ ଯନାଜାଃ ହେଉଛି ଜର୍ମାନୀର **ଦାଉଦ୍ ସୁଲୈମାନ ବଟ୍ ସାହେବ**ଙ୍କର । ପରବର୍ତ୍ତୀ ଯନାଜାଃ ହେଉଛି ସମ୍ମାନନୀୟା **ସ୍ୱର୍ଗତା ଜାହିଦ୍ ପରୱିନ୍ ସାହେବା**ଙ୍କର । ସେ ଗୁଲାମ୍ ମୁସ୍ତଫା ଆୱାନ୍ ସାହେବ ଯିଏକି ସିଆଲ୍‌କୋଟ୍ ଜିଲ୍ଲା ଅନ୍ତର୍ଗତ ଢପଇ ଅଞ୍ଚଳର ଅଧିବାସୀ ଥିଲେ । ପରବର୍ତ୍ତୀ ଯନାଜାଃ ହେଉଛି ଲଣ୍ଡନର ସମ୍ମାନନୀୟ **ରାନା ଅବ୍‌ଦୁଲ୍ ଓହିଦ୍ ସାହେବ**ଙ୍କର । ସେ ଅବ୍‌ଦୁଲ୍ ହଇ ସାହେବ ତହ୍‌ସିଲ୍ ଜଡ଼ାନୱାଲା, ଜିଲ୍ଲା-ଫୈସ୍‌ଲାବାଦ୍‌ଙ୍କର ସୁପୁତ୍ର ଥିଲେ । ପରବର୍ତ୍ତୀ ଯନାଜାଃ ହେଉଛି **ଅଲ୍‌ହାଜ୍ ମୀର୍ ମୁହମ୍ମଦ ଅଲୀ ସାହେବ**ଙ୍କର । ସେ ଜମାଅତେ ଅହେମଦିୟା ବାଂଲାଦେଶର ପୂର୍ବତନ ଅମୀର୍ ଥିଲେ ।

---

**ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଈନୁହୁ ୱନସ୍‌ତଗ୍‌ଫିରୁହୁ ୱନୁମିନୁ ବିହି ୱନତୱକ୍‌କଲୁ ଅଲୈ ୱ ନଉଜୁ ବିଲ୍ଲାହି ମିନ୍ ଶୁରୁରି ଅନ୍‌ଫୁସିନା ୱମିନ୍ ସଈଆତି ଆମାଲିନା ମଇଁ ୟହ୍‌ଦିହିଲ୍ଲାହୁ ଫଲା ମୁଜିଲ୍ଲା ଲହୁ ୱମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ୱନଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହିମକୁମୁଲ୍ଲାହି ଇନ୍ନଲ୍ଲାହା ୟାମୁରୁ ବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜିଲ୍ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲାଅଲ୍‌ଲକୁମ୍ ତଜକ୍ କରୁନା ଉୟକୁରୁଲ୍ଲାହ୍ ୟଜ୍‌କୁରୁକୁମ୍ ୱଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ୱଲଜ଼ିକ୍‌ରୁଲ୍ଲାହି ଅକ୍‌ବର୍ ।**

.......................................

KHULASA KHUTBA JUMA HUZOOR ANWAR a.b.a

30th July 2021